# ଶିଶୁ ମାନଙ୍କ ସୁରକ୍ଷା ପାଇଁ ସହାୟିକା ପୁସ୍ତିକା



Society for Promoting Rural Education and Development

New Janiguda

Kumbha Road, Koraput

Pin 764020

spread@spread.org.in, www.spread.org.in

SPREAD, KORAPUT

# ଶିଶୁ ମାନଙ୍କ ସୁରକ୍ଷା ପାଇଁ ଏକ ସହାୟକ ପୁସ୍ତିକା

## ମୁଖବନ୍ଧ

ଆମ ଦେଶରେ ଶିଶୁ ମାନଙ୍କ ପାଇଁ ଅନେକ ଆଇନ୍ ପ୍ରଣୟନ କରାଯାଇଛି । ଯେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ଶିଶୁ ଏହି ଥିରେ ଅନ୍ତର୍ଭୁକ୍ତ, ଭିନ୍ନ ଭିନ୍ନ ବର୍ଗର ଶିଶୁ ମାନଙ୍କ ପାଇଁ ବିଭିନ୍ନ ସମୟରେ ନୂତନ ଆଇନ୍ ସୃଷ୍ଟି କରାଯାଉଛି । ମିଳିତ ଜାତିସଂଘର ଶିଶୁ ଅଧିକାର ସମାବେଶ ୧୯୮୯ ରେ, ଶିଶୁ ମାନଙ୍କ ଅଧିକାର ନିମନ୍ତେ ଏକ ଆନ୍ତର୍ଜାତୀୟ ସମାବେଶରେ ସମସ୍ତ ରାଷ୍ଟ୍ର ଏକ ଅଧିକାର ଭିତ୍ତିକ ଡାଞ୍ଚାରେ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ । ଏହି ଶିଶୁ ଅଧିକାର ଗୁଡ଼ିକ ଚାରୋଟି ବିଷୟ କୁ ଦର୍ଶାଏ ଯଥା-
୧. ବଞ୍ଚିବାର ଅଧିକାର ୨. ବିକାଶର ଅଧିକାର ୩. ଅଂଶ ଗ୍ରହଣ କରିବାର ଅଧିକାର ୪. ସୁରକ୍ଷାର ଅଧିକାର

ମିଳିତ ଜାତିସଂଘର ଏହି ଶିଶୁ ଚୁକ୍ତିନାମାର ସମସ୍ୱାର୍ଥତା କୁ ଅଗ୍ରତା ଦେଇ ୧୯୯୨ ରେ ଭାରତ ଏହାକୁ ଅନୁମୋଦନ ବା ସମର୍ଥନ କରିଅଛି । ଏହି ସନ୍ଧି ବା ଚୁକ୍ତି ଅନୁଯାୟୀ ଶିଶୁ ମାନେ ସମସ୍ତ ଅଧିକାର ପାଇବା ପାଇଁ ଯୋଗ୍ୟ ଏବଂ ଏହା ନ୍ୟାୟ ସଂଗତ । ଶିଶୁ ମାନଙ୍କୁ ତାଙ୍କର ସମସ୍ତ ଅଧିକାର ଯୋଗାଇ ଦେବାରେ ରାଷ୍ଟ୍ରର ଏକ ପ୍ରମୁଖ ଭୂମିକା ଅଛି । କାରଣ ଏହା ରାଷ୍ଟ୍ରର ମୌଳିକ ଏବଂ ନୈତିକ ଦାୟିତ୍ୱ ।

୨୦୦୧ ଜନ ଗଣନା ଅନୁସାରେ ଓଡ଼ିଶାର ଜନ ସଂଖ୍ୟା ହେଉଛି ତିନି କୋଟି ଅଠଷଠି ଲକ୍ଷ (୩,୬୮,୦୦,୦୦୦) । ୧୮ ବର୍ଷରୁ ନିମ୍ନରେ ଥିବା ଶିଶୁ ମାନଙ୍କର ସଂଖ୍ୟା ହେଉଛି ଏକ କୋଟି ତେୟାଳିଶୀ ଲକ୍ଷ (୧,୪୩,୦୦,୦୦୦) ଯାହା କି ମୋଟ ଜନ ସଂଖ୍ୟାର ୩୮.୮ ଭାଗ । ଶୂନ ରୁ ଛଅ ବର୍ଷ (୦ ରୁ ୬) ମଧ୍ୟରେ ଥିବା ଶିଶୁ ମାନଙ୍କ ସଂଖ୍ୟା ହେଉଛି ୫୩,୫୮,୮୧୦ ଯାହା ମୋଟ ଜନ ସଂଖ୍ୟାର ୧୪.୫ ଭାଗ ।

ଯେଉଁ ସବୁ ଚୁକ୍ତି ଗୁଡ଼ିକୁ ଭାରତ ଅନୁମୋଦନ କରିଛି ଯେପରିକି ଶିଶୁ ଅଧିକାର ଚୁକ୍ତି, ସେହି ସବୁ ଅଧିକାର ଭାରତର ସମ୍ବିଧାନରେ ନିଶ୍ଚୟତାର ବା ଗ୍ୟାରେଣ୍ଟି ସ୍ଥାନ ପାଇଛି । ଭାରତର ସମ୍ବିଧାନ ଧାରା ୩୯ (ଏଫ୍) ଅନୁସାରେ ଶିଶୁ ମାନଙ୍କର ବିକାଶ ପାଇଁ ସମସ୍ତ ସୁବିଧା ଓ ସୁଯୋଗ ସୁନିଶ୍ଚିତ କରାଇବା ଉଚିତ, ଯେପରିକି ସେମାନେ ସୁସ୍ଥ ଭାବରେ, ସ୍ୱାଧୀନ ଭାବରେ, ମର୍ଯ୍ୟାଦାର ସହ ବଞ୍ଚିବେ ଏବଂ ସମସ୍ତ ଶିଶୁଙ୍କୁ ସବୁ ପ୍ରକାରର ଶୋଷଣରୁ ଯଥା ନୈତିକ, ଭୌତିକ କିମ୍ବା ପରିତ୍ୟାଗ କରିବା ଠୁ ରକ୍ଷା କରିବା । ଉପରୋକ୍ତ ଧାରାରେ ବର୍ଣ୍ଣନା କରା ଯାଇଥିବା ସମସ୍ତ ବିଷୟ ବସ୍ତୁ ସୁନିଶ୍ଚିତ କରାଇବା ହେଉଛି ରାଜ୍ୟର କର୍ତ୍ତବ୍ୟ । କାରଣ ଏହା ସମ୍ବିଧାନ ର ଧାରା ୩୯ (ଏଫ୍) ଅନୁସାରେ ବାଧ୍ୟତାମୂଳକ ଅଟେ ।

ଓଡ଼ିଶା ରେ ଶିଶୁ ଯୋଜନା କାର୍ଯ୍ୟକ୍ରମ (୨୦୦୯-୨୦୧୨) ର ପରିଚ୍ଛେଦ ଅନୁଯାୟୀ ଦେଖିବାକୁ ଗଲେ ସେହି ଥିରେ ମଧ୍ୟ ଶିଶୁ ସୁରକ୍ଷା କୁ ନେଇ ବିସ୍ତାର ଭାବେ ବର୍ଣ୍ଣନା କରା ଯାଇ ଅଛି ।

ନିକଟ ଅତୀତରେ ଦେଖା ଯାଇଛି ଯେ ବିଦ୍ୟାଳୟ ଗୁଡ଼ିକରେ ଶିଶୁ ଯୌନ ନିର୍ଯ୍ୟାତନା ବହୁ ପରିମାଣରେ ବୃଦ୍ଧି ହୋଇଛି । ଯାହା ଏକ ସୁରକ୍ଷିତ ଏବଂ ଗ୍ରହଣ ଯୋଗ୍ୟ ଶିକ୍ଷାନୁଷ୍ଠାନ ବୋଲି କୁହାଯାଏ, ସ୍କୁଲ୍ ବା ବିଦ୍ୟାଳୟ ହେଉଛି ଶିଶୁ ମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ କ୍ଷମତା ବା ଅଧିକାର ପ୍ରଦାନ କରିବାର ଶିକ୍ଷଣୀୟ କେନ୍ଦ୍ର କିନ୍ତୁ ତାହା କ୍ରମଶଃ ନିଜ ଦାୟିତ୍ୱରୁ ଓହରି ଯାଉଛି ଏହି ପରି ପରିଲକ୍ଷିତ ହେଉଛି ।

SPREAD, KORAPUT

ପ୍ରତ୍ୟେକ ମାସରେ ବିଭିନ୍ନ ଗଣ ମାଧ୍ୟମରୁ ଏହା ପ୍ରକାଶ ପାଉଛି ଯେ କୌଣସି ନା କୌଣସି ଶିଶୁ କନ୍ୟା ସ୍କୁଲ୍‌ରେ ବା ହଷ୍ଟେଲରେ ଯୌନ ନିର୍ଯ୍ୟାତନା ର ଶିକାର ହେଉଛନ୍ତି, କେବେ ଆଦିବାସୀ ଆଶ୍ରମ ସ୍କୁଲ୍ ମାନଙ୍କରେ ତ କେବେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ୍ ରେ ।

ଏହି ସମସ୍ୟା ସମାଜର ସମସ୍ତ ବର୍ଗଠାରୁ ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରେ । ଏହି ସମସ୍ୟା ପ୍ରତି ସମସ୍ତଙ୍କର ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ।

୨୦୧୧ ମସିହା ନଭେମ୍ବର ମାସରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ଯୋଜନାଟି (Integrated Child Protected Scheme) ସମାଜର ହିତ ପାଇଁ ଉତ୍ସର୍ଗ କରିଛନ୍ତି, ଯାହା କି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହିଥିରୁ ଜଣା ପଡ଼େ ଯେ ଓଡ଼ିଶା ସରକାର ଶିଶୁ ଙ୍କ ର ଅଧିକାର ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏବଂ ଏହା ପାଇଁ ବିଭିନ୍ନ ଯୋଜନା ମଧ୍ୟ ଲାଗୁ କରୁଛନ୍ତି ।

ବର୍ତ୍ତମାନ ଶିଶୁଙ୍କ ସୁରକ୍ଷା ନିମନ୍ତେ ଯେଉଁ କାର୍ଯ୍ୟ ପ୍ରଣାଳି ଲାଗୁ ରହିଛି ସେଥିରେ ଦୁଇ ପ୍ରାକାରର ଶିଶୁଙ୍କର ଅଧିକାରକୁ ନିଶ୍ଚିନ୍ତ କରାଯାଇଛି, ସେଗୁଡ଼ିକ ହେଲା ପିତାମାତା ହୀନ ବା ପରିତ୍ୟାଗ କରାଯାଇଥିବା ଶିଶୁ ଯେଉଁମାନେ କି ଯତ୍ନ ଏବଂ ସୁରକ୍ଷାର ହକ୍‌ଦାର (child in need of care and protection) ଏବଂ ଯେଉଁ ଶିଶୁ ଆଇନ୍ ସହ ଦ୍ୱନ୍ଦ୍ୱ ର ସାମନା କରିଛି (child in conflict with law) ।

ଏହା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଯେ ଏହି ସବୁ ଆଇନ୍ ଓ ଯୋଜନା ସ୍କୁଲ୍‌ରେ ପଢ଼ାଉ ଥିବା ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ, ଅଭିଭାବକ ଏବଂ ଶିଶୁ କନ୍ୟା ବୁଝିବା ଦରକାର । ଏହା ବିଷୟ୍‌ରେ ସଚେତନ ରହିବା ଆବଶ୍ୟକ, ସଚେତନ ରହିଲେ ଯେ କୌଣସି ଶିଶୁର ଅଧିକାର ଯଦି ଉଲଙ୍ଘନ ହୁଏ ତେବେ ସେମାନେ ଏହି ଆଇନ୍ ଓ ଯୋଜନା ସାହାଯ୍ୟ ରେ ନିର୍ଯ୍ୟାତନା କୁ ନିବାରଣ କରିବା ପାଇଁ ସକ୍ଷମ ହେବେ ।

ଏହି ପରିପେକ୍ଷୀ ରେ ଏହି କ୍ଷୁଦ୍ର ସହାୟିକା ପୁସ୍ତିକାଟି ପ୍ରସ୍ତୁତ କରାଯାଇଅଛି, ଯେଉଁ ଥିରେ ଚେଷ୍ଟା କରା ଯାଇଛି ଯେ ଶିଶୁ କନ୍ୟା ଯୌନ ନିର୍ଯ୍ୟାତନା କଣ, ଶିଶୁ କନ୍ୟା ନିଜେ କଣ ସତର୍କତା ଅବଲମ୍ବନ କରିପାରିବେ, ଯଦି ଯୌନ ନିର୍ଯ୍ୟାତନା ର ଶିକାର ହୁଅନ୍ତି ତେବେ କେଉଁଠି କିମ୍ବା କାହା ପାଖରେ ଘଟଣା ର ବିବରଣୀ ଦେବେ ଇତ୍ୟାଦି । ଏହି ଛୋଟ ପୁସ୍ତିକା ଟି ସମସ୍ତ ଶିଶୁ କନ୍ୟା ନିଜ ସ୍କୁଲ୍ ବ୍ୟାଗରେ ରଖି ପାରିବେ ଯାହା ସେମାନଙ୍କ ପାଇଁ ଏକ ମାର୍ଗ ଦର୍ଶିକା ରୂପେ ସାହାଯ୍ୟ କରିବ । ଅଧିକା ଜାଣିବା ପାଇଁ ସ୍ପ୍ରେଡ୍, କୋରାପୁଟ ସଙ୍ଗେ ଯୋଗା ଯୋଗ କରନ୍ତୁ ।

ଏହି ପୁସ୍ତିକାଟି କୁ ପ୍ରକାଶ କରିବାରେ କ୍ରାଏ(CRY), କଲିକତା ସହଯୋଗ କରିଥିବାରୁ ସ୍ପ୍ରେଡ୍ କ୍ରାଏ (CRY) କୁ ଅଶେଷ ଧନ୍ୟବାଦ ଦେଉଛି । ଏହି ପୁସ୍ତିକା ଟିକୁ ରଚନା କରିବାରେ ସ୍ପ୍ରେଡ୍ ର ସମସ୍ତ କର୍ମକର୍ତ୍ତା ଙ୍କୁ ଅଶେଷ ଧନ୍ୟବାଦ ।

ସଂ- ।ଦକ

ବିଦ୍ୟୁତ୍ ମହାନ୍ତି

SPREAD KORAPUT

**ଶିଶୁର ସଂଜ୍ଞା**

ମିଳିତ ଜାତି ସଂଘର ୧୯୮୯ ର ଶିଶୁ ସନ୍ଧି ଅନୁସାରେ ଯେ କୌଣସି ବ୍ୟକ୍ତି ଯାହାର ବୟସ ୧୮ ବର୍ଷରୁ କମ୍ ସେ ଶିଶୁ ବୋଲି ଧରାଯିବ। ଶିଶୁ ଚୁକ୍ତିର ଧାରା ୧ ରେ ଏହି ସଂଜ୍ଞାଟି ବିସ୍ତାର ଭାବରେ ବର୍ଣ୍ଣନା କରାଯାଇଛି।

**ଶିଶୁର ସୁରକ୍ଷା ମାନେ ଆମେ କଣ ବୁଝୁ ?**

ଜଣେ ଶିଶୁର ଘରେ କିମ୍ବା ଯେକୌଣସି ସ୍ଥାନରେ ଅବହେଳାରୁ, ନିର୍ଯ୍ୟାତନା ଏବଂ ଶୋଷଣରୁ ସୁରକ୍ଷା ପାଇବାର ଅଧିକାର ଅଛି। (UNICEF) ର ସିଦ୍ଧାନ୍ତ ଅନୁଯାୟୀ ଯଦି ଆମେ ଶିଶୁକୁ ସୁରକ୍ଷା ଦେଉଛେ ତେବେ ତାହାର ଅର୍ଥ ହେଲା ଆମେ ସମସ୍ତ ଶୋଷଣରୁ ତାକୁ ନିବାରଣ କରୁଛେ। ଯଦି ଶିଶୁ ସୁରକ୍ଷିତ ତେବେ ସେ ସମସ୍ତ ପ୍ରକାରର ଶୋଷଣ, ହିଂସା ଏବଂ ଅସାବଧାନତାରୁ ମୁକ୍ତ । ଏହି ହିଂସା ଯାହା କି ବଜାର ପାଇଁ ଲାଭ ଦାୟକ ହେଉଥିବା ଶିଶୁ ଯୌନ ନିର୍ଯ୍ୟାତନା, ପିଲା ଚୋରି, ଶିଶୁ ଶ୍ରମିକ ଏବଂ ଅନ୍ୟ ଯେ କୌଣସି କ୍ଷତି କାରକ ସାମାଜିକ ପୁରାତନ ଚିନ୍ତା ଧାରା ଉପରେ ଆଧାରିତ। (ଯଥା- ବାଲ୍ୟ ବିବାହ, ଶିଶୁ କନ୍ୟାର ଯୌନାଙ୍ଗ କୁ ବିକଳାଙ୍ଗ କରିବା ଏହି ଗୁଡ଼ିକ ହିଂସାରେ ଅନ୍ତର୍ଭୁକ୍ତ )

ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଅନୁଯାୟୀ ଶିଶୁ ସୁରକ୍ଷା ମାନେ ଶିଶୁକୁ ବିପଦ୍‌ରୁ ରକ୍ଷା କରିବା, କିମ୍ବା ତାର ଶୈଶବ ଅବସ୍ଥା ପ୍ରତି ଥିବା ଯେ କୌଣସି ଅନୁମାନ ଯୋଗ୍ୟ ବିପଦ୍‌ରୁ ରକ୍ଷା କରିବା । ଏହି ଯୋଜନାର ବିଶ୍ୱାସ ଏହା ଯେ ଶିଶୁ ମାନଙ୍କୁ ସୁରକ୍ଷା ଯୋଗାଇ ତାଙ୍କର ପରିସ୍ଥିତି ର ବିକାଶ କରିବା ।

**ଶିଶୁ ଶୋଷଣର ପ୍ରକାର ଓ ଭେଦ**

Save the children (**ଶିଶୁଙ୍କୁ ସୁରକ୍ଷା**) **ଶୋଷଣ ସମ୍ବନ୍ଧରେ**-

ଶୋଷଣ ବା ନିର୍ଯାତନା (Abuse)- ଉଦ୍ଦେଶ୍ୟ ମୂଳକ ଭାବେ ଶିଶୁ ପ୍ରତି ନିଷ୍ଠୁର ଆଚରଣ କରିବା, ତାହା ପ୍ରତି ଖରାପ ବ୍ୟବହାର ଦେଖେଇବା ଯାହା ଶିଶୁକୁ କ୍ଷତି ପହଞ୍ଚାଏ କିମ୍ବା ଯାହା କ୍ଷତି ପହଞ୍ଚାଇବାରେ ସହାୟତା ହୁଏ । ଏବଂ ଏହ ଶିଶୁର ଚିନ୍ତାଧାରା ଏବଂ ମର୍ଯାଦାରେ କ୍ଷତି ପହଞ୍ଚାଏ । ସମସ୍ତ ପ୍ରକାରର ଶାରୀରିକ,ମାନଶିକ, ଯୌନିକ ଏବଂ ଆବେଗ ପୂର୍ଣ୍ଣ ନିଷ୍ଠୁରତାକୁ ଶୋଷଣ ବୋଲି କୁହାଯାଏ।

ଶାରୀରିକ ନିର୍ଯାତନା (Physical Abuse)- ଶିଶୁକୁ ଭୟ ଦେଖାଇବା, ତା ଉପରେ ବଳ ପ୍ରୟୋଗ କରିବା ଯାହା ଶିଶୁକୁ କ୍ଷତି ପହଞ୍ଚାଏ କିମ୍ବା କ୍ଷତି ପହଞ୍ଚାଇବାରେ ସାହାଯ୍ୟ କରେ। (ଉଦାହରଣ ସ୍ୱରୂପ- ଲଜ୍ଜିତ କରିବା, ଅପମାନିତ କରିବା, ଜ୍ୱରରେ ହଲାଇବା, ଡରାଇବା, ଜାଳି ଦେବା ଏବଂ ଶିଶୁ କନ୍ୟାର ଯୌନାଙ୍ଗ ପ୍ରତି ଅତ୍ୟାଚାର କରିବାକୁ ବୁଝାଏ)।

ଭାବନାତ୍ମକ ଏବଂ ମାନସିକ ନିର୍ଯାତନା (Emotional or Psyclogical Abusea) ର ପରିସିମାରେ ନିମ୍ନଲିଖିତ ବିଷୟକୁ ବୁଝାଏ- ଲଜ୍ଜା ଜନକ ତଥା ନିଚ୍ ବ୍ୟବହାର ଦେଖାଇବା, ଖରାପ ନାମ ଧରି ଡାକିବା, ବାରମ୍ବାର ଅପମାନିତ କରିବା, ଅଲଗା ରଖିବା ଏବଂ ଯେକୌଣସି ବାଟେରେ ଶିଶୁର ମହତ୍ୱକୁ କମ କରିବାକୁ ବୁଝାଏ।

SPREAD, KORAPUT

**ଯୌନ ନିର୍ଯାତନା (Sexual Abuse) ବା ଶୋଷଣ ସମସ୍ତ ପ୍ରକାର ଯୌନ ହିଂସା କୁ ବୁଝାଏ**

ଯୌନ ନିର୍ଯ୍ୟାତନା ବା ଶୋଷଣ (Sexual Abuse) ସମସ୍ତ ପ୍ରକାର ଯୌନ ହିଂସାକୁ ବୁଝାଏ ଯଥା ବାଧ୍ୟତାମୂଳକ ଭାବେ କମ୍ ବୟସରେ ବିବାହ କରାଇବା, ବଳାତ୍କାର କିମ୍ବା ଅଶ୍ଳୀଳ କାର୍ଯ୍ୟରେ ଲିପ୍ତ କରାଇବା, ବେଶ୍ୟା ବୃତ୍ତି କରାଇବା ଇତ୍ୟାଦି କୁ ବୁଝାଏ। ଏହା ଛଡ଼ା କୌଣସି ଯୌନାଙ୍ଗ କୁ ଛୁଇଁବା, କୌଣସି ଯୌନାଙ୍ଗ କୁ ଶିଶୁକୁ ଦେଖାଇବା, ଶିଶୁକୁ ଅଶ୍ଳୀଳ ଭାଷା କହିବା ଏବଂ ଶିଶୁ କୁ ଅଶ୍ଳୀଳ ସାମଗ୍ରୀ ଦେଖାଇବା ମଧ୍ୟ ଶିଶୁ ନିର୍ଯ୍ୟାତନାରେ ଧରାଯାଇଛି।

ଅବହେଳା (Neglect) କରିବା ଶିଶୁର ଶାରୀରିକ ସୁରକ୍ଷା, ଶିଶୁର ବିକାଶ, ଶିଶୁର ଅଧିକାର ଏବଂ ଶିଶୁର ନିରାପତ୍ତା ଯୋଗାଇ ଦେବାରେ ଜାଣିଶୁଣି ଅବହେଳା କରିବା କୁ କୁହାଯାଏ।

ଅବହେଳା କରିବା ଶୋଷଣର ଏକ ଭିନ୍ନ ଅର୍ଥ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ଶିଶୁର ସାମାଜିକ ବିକାଶ, ମାନସିକ ବିକାଶ, ଶିଶୁର ସୁରକ୍ଷା, ଯତ୍ନ ଏବଂ ବିକାଶ ର ଧାରାରେ ବାଧା ସୃଷ୍ଟି କରିଥାଏ ଏବଂ ଯାହା ଫଳରେ ତାର ବ୍ୟକ୍ତିତ୍ୱର ବିକାଶ ଘଟି ନଥାଏ।

ଶୋଷଣ (Exploitation) ଅନ୍ୟ ବ୍ୟକ୍ତିର ଲାଭ କିମ୍ବା ସନ୍ତୁଷ୍ଟି ନିମନ୍ତେ କୌଣସି ଶିଶୁକୁ ଅସଦ୍ ଭାବରେ ବ୍ୟବହାର କରିବା ବା କ୍ଷତି ପହଞ୍ଚାଇବା କୁ ଶୋଷଣ କୁହାଯାଏ। ଏହି ସବୁ କାର୍ଯ୍ୟ ଦ୍ୱାରା ଶିଶୁର ଶାରୀରିକ, ମାନସିକ, ଶିକ୍ଷାଗତ ଏବଂ ସାମାଜିତ ବିକାଶରେ କ୍ଷତି କାରକ ପ୍ରଭାବ ପକାଇ ଥାଏ।

ନିଜର ସୁବିଧା ପାଇଁ ଶିଶୁକୁ ଅନ୍ୟାୟ ଭାବରେ ବ୍ୟବହାର କରିବା ଅପବ୍ୟବହାର କରିବା, ଗାଳି ଦେବା, ଉତ୍ପୀଡ଼ନ, ଅତ୍ୟାଚାର ଏବଂ ଅସଦ୍ ବ୍ୟବହାର ଏହି ସବୁ ପରିସ୍ଥିତି ଅତ୍ୟାଚାର ସଂଜ୍ଞାରେ ଧରାଯାଇଛି।

ହିଂସା (Violence) ର ପରିଭାଷା ଭିନ୍ନ ଭିନ୍ନ ଏବଂ ବିଭିନ୍ନ ଦୃଷ୍ଟି କୋଣ କୁ ଆଧାର କରି ଏହାର ବ୍ୟବହାରିକ ସଂଜ୍ଞା ମଧ୍ୟ ଅଲଗା । ଉଦାହରଣ ସ୍ୱରୂପ, ଆଇନ୍ ର ମାପ କାଠି ଅନୁଯାୟୀ ହିଂସାର ସଂଜ୍ଞା ଏବଂ ସମାଜ ସାସ୍ତ୍ର ଅନୁଯାୟୀ ହିଂସାର ସଂଜ୍ଞା ଅଲଗା।

ଶିଶୁ ହିଂସା ବିଷୟରେ ସଯୁକ୍ତ ରାଷ୍ଟ୍ର ଦ୍ୱାରା ଅଧ୍ୟୟନର ( ୨୦୦୬) ର ରିପର୍ଟ ଅନୁଯାୟୀ- ଯାହା ଶିଶୁ ଚୁକ୍ତି ଧାରା ୧୯ ରୁ ପ୍ରେରଣା ପାଇ ପ୍ରକାଶ କରେ ଯେ, ସମସ୍ତ ପ୍ରକାରର ଶାରୀରିକ କିମ୍ବା ମାନସିକ ହିଂସା, କ୍ଷତି କିମ୍ବା ଅପବ୍ୟବହାର, ଅବହେଳା କରିବା ବା ଅବହେଳିତ ଚିକିତ୍ସା ଦୁରଃ ବ୍ୟବହାର ବା ଶୋଷଣ ଏବଂ ଯୌନ ନିର୍ଯାତନାକୁ ବୁଝାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ର ସ୍ୱାସ୍ଥ୍ୟ ଏବଂ ହିଂସାର ଏକ ରିପର୍ଟ (୨୦୦୨) ଅନୁସାରେ ହିଂସାର ସଂଜ୍ଞା ହେଉଛି- ଯଦି କୌଣସି ବ୍ୟକ୍ତି କିମ୍ବା ଦଳ ଦ୍ୱାରା ଯାଣି ସୁଣି ଶିଶୁ ଉପରେ ଶକ୍ତି ପ୍ରୟୋଗ କରାଯାଏ କିମ୍ବା ଶିଶୁ ତାର ଅଜାଣତାରେ ଏହାର ଶିକାର ହୋଇଥାଏ, ଯାହାର ପରିଣାମ ସ୍ୱରୂପ ଶିଶୁର ସୁରକ୍ଷା, ବିକାଶ ଏବଂ ମର୍ଯ୍ୟାଦାରେ ହାନି ହୁଏ।

SPREAD, KORAPUT

**ଶୋଷଣ ବା ହିଂସାକୁ କିପରି ଚିହ୍ନଟ କରିବା**

- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ (www.who.in ) ନିର୍ଯାତନା ଅର୍ଥ ଏହା ଯେ, କୌଣସି ଶିଶୁ ସହିତ ଅନୁଚିତ ଭାବରେ ଯୌନ କ୍ରିୟା କରିବା, କୌଣସି ଅନଭିଜ୍ଞ ଶିଶୁ କିମ୍ବା ବାଳିକା କୁ ଯୌନ କାର୍ଯ୍ୟରେ ଲିପ୍ତ କରାଇବା, ଯାହା ଫଳରେ ଶିଶୁ ନିଜର ଭାବନା ପ୍ରକାଶ କରି ପାରୁ ନଥିବ କିମ୍ବା ଯାହାକି ସମାଜ ଦ୍ୱାର ବର୍ଜ୍ୟ କରାଯାଉଥିବ ଏବଂ ଆଇନ୍ ମଧ୍ୟ ଉଲଂଘନ ହେଉଥିବ ।
- କୌଣସି ବସ୍ତୁ ସାହାଯ୍ୟରେ ଶିଶୁର ଶାରୀରିକ ଅଙ୍ଗ କୁ ଛୁଇଁବା କିମ୍ବା ଶରୀରକୁ ଛୁଇଁବା କପଡ଼ା ଉହ୍ଲାଇବା ବା ପିନ୍ଧାଇବା ।
- ଶରୀରର କୌଣସି ଅଙ୍ଗରେ କିମ୍ବା ମୁଖରେ ଅପ୍ରାକୃତିକ ଯୌନ କ୍ରିୟା କରିବା ।
- ଶିଶୁକୁ ଯୌନ କ୍ରିୟା ନିମନ୍ତେ ଉତ୍ସାହିତ କରିବା ।
- ଛାତ୍ରୀଙ୍କୁ ଅସମୟରେ (ବିଦ୍ୟାଳୟ ସମୟ ବ୍ୟତିତ) ଶିକ୍ଷକ ମାନଙ୍କ ଦ୍ୱାରା ଡକା ଯିବା
- ନିଜ ବ୍ୟକ୍ତି ଗତ କାମ ବାହାନାରେ ଡକାଇ ଅଶ୍ଲିଳ ବ୍ୟବହାର କରିବା

**ଶୋଷଣ ପ୍ରତି ତୁମେ ନିଜେ କଣ କରିପାରିବ ?**

- ଛାତ୍ରୀ ନିଜେ ନିଜର ସମସ୍ୟାକୁ ସ୍କୁଲ୍ କିମ୍ବା ହଷ୍ଟେଲ ରେ ଶିଶୁ ମାନଙ୍କ ପାଇଁ ଥିବା ଅଭିଯୋଗ ବକ୍ସ (Children's Response Box) ରେ ଲିଖିତ ଭାବେ ଦେଇ ପାରିବେ । କାରଣ ଏହା ପ୍ରତି ସପ୍ତାହରେ ଜିଲ୍ଲା ନିରୀକ୍ଷକ ସମିତି ସଭ୍ୟଙ୍କ ଆଗରେ ଖଲାଯାଏ ।
- ଶୋଷଣ କିମ୍ବା ଯୌନ ନିର୍ଯ୍ୟାତନା ର ବ୍ୟାପକତାକୁ ଆଖି ଆଗରେ ରଖି ପ୍ରଥମେ ହଷ୍ଟେଲ ରେ ଥିବା ସମସ୍ତ ସାଙ୍ଗ ସାଥିଙ୍କୁ ଜଣାଇବା ଦରକାର ।
- ବିଦ୍ୟାଳୟରେ ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା କର୍ମୀଙ୍କୁ ଜଣାଇବା ଦରକାର ।
- ନିଜର ଅଭିଭାବକ ମାନଙ୍କୁ ଯଥାଶୀଘ୍ର ଏହି ନିର୍ଯ୍ୟାତନା ବିଷୟ ଜଣାଇବା ଦରକାର ।
- ଅଭିଭାବକ ଜାଣି ସାରିଲା ପରେ ଯଥା ଶୀଘ୍ର ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନଙ୍କୁ ଜଣାଇବା ଦରକାର ।
- ଯଦି ଏପରି ନିର୍ଯ୍ୟାତନା ର କିଛି ସମାଧାନ ବାଟ ଯଦି କୌଣସି ଛାତ୍ରୀ ନ ପାଏ କିମ୍ବା ତା ଜାଣତାରେ ହେଇଥିବା ନିର୍ଯ୍ୟାତନା ର ସମାଧାନ ମିଳେନାହିଁ ତେବେ ସେ ନିଜେ ତାର ପ୍ରସ୍ତାବ ଏବଂ ମତ ଲେଖି ଶିଶୁ ସମସ୍ୟା ସମାଧାନ ବକ୍ସ ରେ ଦେଇ ପାରିବା ।
- ଛାତ୍ରୀ ମାନଙ୍କୁ ଦିଆ ଯାଇଥିବା (Pre Stamp In-land Letter) ଷ୍ଟା- ଲଗାଯାଇଥିବା ଦୂର ବାର୍ତ୍ତା ପତ୍ରରେ ଲେଖି ଜିଲ୍ଲା ପାଳଙ୍କୁ ଜଣାଇ ପାରିବେ ।

**ଆଇନ୍ ରେ ଥିବା ବ୍ୟବସ୍ଥା ଗୁଡିକ-**

- ଭାରତୀୟ ସମ୍ବିଧାନ ର ଧାରା ୧୪, ୧୫, ୧୫(୩), ୧୯ (୧) (ଏ), ୨୧ ,୨୧ (ଏ), ୨୩, ୨୪, ୩୯ (ଇ), ୩୯ (ଏଫ୍) ସମସ୍ତ ବ୍ୟକ୍ତି ଏବଂ ଶିଶୁର ସଂବୃଦ୍ଧି, ନିରାପତ୍ତା, ସୁରକ୍ଷା କୁ ସୁନିଶ୍ଚିତ କରେ ।
- ଓଡ଼ିଶା ସରକାରଙ୍କ ର ନିତୀ ନିୟମ

SPREAD, KORAPUT

**ଯୌନ ଅପରାଧରୁ ଶିଶୁର ସୁରକ୍ଷା ଆଇନ୍ ୨୦୧୨** (The Protection of Children from Sexual Offences Act 2012)-

- ଯୌନ ନିର୍ଯ୍ୟାତନା ଏବଂ ଶିଶୁ ସୁରକ୍ଷା ଆଇନ୍- ୨୦୧୨
- ଏହି ଆଇନ୍ ସମସ୍ତ ପ୍ରକାର ଶିଶୁ ଯୌନ ନିର୍ଯ୍ୟାତନା ଠାରୁ ସୁରକ୍ଷା ନିମନ୍ତେ ପ୍ରଣୟନ କରାଯାଇଛି। ଏହି ଆଇନ୍ ରେ ନିର୍ଯ୍ୟାତନା ର ଗୁରୁତ୍ୱ କୁ ଦୃଷ୍ଟିରେ ରଖି କଡ଼ା କଡ଼ି ଶାସ୍ତି ଦେବା ନିମନ୍ତେ ଆଇନ୍ ରେ ନିର୍ଦ୍ଧାରଣ କରାଯାଇଛି।
- ଏହି ଆଇନ୍ ର ଧାରା ୫ ରେ କୁହାଯାଇଛି ଯେ ଯଦି ଜଣେ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଅତି କମ୍ ରେ ୧୦ ବର୍ଷ କିମ୍ବା ଆଜୀବନ କାରାଦଣ୍ଡ ଏବଂ ଜୋରିମାନା ନିର୍ଦ୍ଧାରଣ କରାଯାଇଛି।
- ଏହି ଆଇନ୍ ଅନୁଯାୟୀ ଶୀଘ୍ର ଶୁଣାଣି ନିମନ୍ତେ ସ୍ୱତନ୍ତ୍ର କର୍ଟର ବ୍ୟବସ୍ଥା ରହିଛି।
- ଏହି ଆଇନ୍ ରେ ପିଡିତା ଶିଶୁର ସହାୟତା ନିମନ୍ତେ ୧,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି।

➢ ଜେ. ଜେ. ବୋର୍ଡ (Juvenile Justice Board)

➢ ସି. ଡବ୍ଲ୍ୟୁ. ସି (Child Welfare Committee)

➢ ଏସ୍. ଜେ. ପି. ୟୁ (Special Juvenile Police Unit)

- ଛାତ୍ରୀ ନିଜେ ତାହା ପ୍ରତି ହୋଇଥିବା ନିର୍ଯ୍ୟାତନା ବିଷୟରେ ଲେଖି ଶିଶୁ କମିଟି କୁ ମଧ୍ୟ ଦେଇ ପାରିବ।
- SJPU କିଶୋର ନ୍ୟାୟ ଶିଶୁଙ୍କ ଯତ୍ନ ଆଇନ୍ ୨୦୦୦ ଏବଂ ସଂଶୋଧିତ ଆଇନ୍ ୨୦୦୬ ଓ POCSO ୨୦୧୨ ଅନୁଯାୟୀ ସ୍ୱତନ୍ତ୍ର କିଶୋର ପୋଲିସ୍ ବିଭାଗ ପ୍ରତ୍ୟେକ ଥାନାରେ ରହିବା ଉଚିତ। ଯେଉଁ ଥିରେ ଜଣେ ପୋଲିସ୍ ଅଫିସରଙ୍କୁ ଶିଶୁ ବିକାଶ ଅଫିସର ଭାବେ (Child Welfare Officer) ଘୋଷଣା କରାଯିବ। ସେହି ଶିଶୁ ବିକାଶ ଅଫିସର ଶିଶୁ ର ମନସ୍ତତ୍ତ୍ୱ ଏବଂ ବିକାଶ ବିଷୟରେ ତାଲିମ୍ ପାଇଥିବେ।
- କିଶୋର ନ୍ୟାୟ ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ଆଇନ୍ ୨୦୦୦ ର ଧାରା ୬୩ (୩) ଏବଂ ଓଡ଼ିଶା ନିୟମାବଳୀ ୩୯ (୨) ଅନୁସାରେ ଜିଲ୍ଲା ସ୍ତରୀୟ SJPU ର ମୁଖ୍ୟ ଜଣେ ଇନିସ୍‌ପେକ୍ଟର ପଦବି ର ହୋଇଥିବେ ।
- ଯେ କୌଣସି କେଶ SJPU ର ମୁଖ୍ୟ ଙ୍କ ପାଖରେ ଆସିଲେ ଯଥା ଶୀଘ୍ର କିମ୍ବା ୨୪ ଘଣ୍ଟା ମଧ୍ୟରେ CWC ଙ୍କୁ ଜଣାଇବେ।
- CWC ଶିଶୁ ମଙ୍ଗଳ କମିଟି ଏପରି ଏକ ସ୍ୱୟଂ ଶାସିତ ଦଳ ଯିଏ ଯତ୍ନ ଏବଂ ସୁରକ୍ଷା ଲଡୁଥିବା ଶିଶୁ ଙ୍କ ପାଇଁ କାମ କରିବାର ଦକ୍ଷତା ରଖେ । ଏହି କମିଟିରେ ସର୍ବ ମୋଟ ୫ ଜଣ ରୁହନ୍ତି । ତନ୍‌ମଧ୍ୟରୁ ଜଣେ ମହିଳା ରହିବା ବାଧ୍ୟତା ମୁଳକ ଅଟେ। ଯିଏ କି ଶିଶୁ ମାନଙ୍କ ବିଷୟରେ ଦକ୍ଷ ହୋଇଥିବେ କିମ୍ବା ବିଶେଷ ଜ୍ଞାନ ରଖୁ ଥିବେ ।
- ଏହାର ମୁଖ୍ୟ ଦାୟିତ୍ୱ ହେଲା ପ୍ରତି ୨ ମାସରେ ଥରେ ପ୍ରତ୍ୟେକ ହଷ୍ଟେଲ ବା ଆବାସିକ ବିଦ୍ୟାଳୟର ତତ୍ତ୍ୱାବଧାନ କରିବା ।

SPREAD, KORAPUT

- ଶିଶୁର ଯତ୍ନ ଏବଂ ସୁରକ୍ଷାର ମାନର ସମୀକ୍ଷା କରିବେ ଏବଂ ସେମାନେ ଶିଶୁ ଅଧିକାର ଉଲଙ୍ଘନ ବିଷୟରେ ସମୀକ୍ଷା କରିବେ।
- ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିଶୁ ନିମନ୍ତେ ଥିବା କମିଟିର କାମର ସମୀକ୍ଷା କରିବେ।

➢ ଏସ୍. ଏଚ୍. ଆର୍. ସି (State Human Rights Commission)
➢ ଏସ୍. ସି. ପି. ସି. ଆର୍ (State Commission for the Protection of Child Rights)
➢ ଶିଶୁ ସହାୟତା ନମ୍ବର (Child Help Line)

- Child Line ୧୦୯୮ ସେବା-
- Child Line ସେବା ହେଉଛି ଗୋଟେ ଟେଲିଫୋନ ମାଧ୍ୟମରେ ଶିଶୁ ପାଇଁ ସାହାଯ୍ୟ ।
- ଯେ କୌଣସି ଶିଶୁ ୧୦୯୮ ନମ୍ବର ବୁଲେଇ ନିଜର ସମସ୍ୟା ବିଷୟରେ କହି ପାରିବେ । ଏହି ସେବାଟି ୩୬୫ ଦିନ ୨୪ ଘଣ୍ଟା ପାଇଁ ଉପଲବ୍ଧ ଅଛି। ଏହି ନମ୍ବର ମନେ ରଖିବା ଭାରି ସୁବିଧା କେବଳ୧୦୯୮ (ପଛୁଆ ଗଣତି ମନେ ରଖ) ।
- ଏହି ନମ୍ବରରେ ଫୋନ୍ କଲେ ପଇସା ଲାଗେ ନାହିଁ । ଏବଂ ୨୪ ଘଣ୍ଟା କେହି ଜଣେ ସେବା ନିମନ୍ତେ ଉପଲବ୍ଧ ଥିବେ ।

➢ **ସରକାରୀ ନିୟମାବଳୀ କଣ କହୁଛି ।**

ଓଡ଼ିଶା ସରକାର ଆଦିବାସୀ ଏବଂ ହରିଜନ ଉନ୍ନୟନ ବିଭାଗ ସଂଖ୍ୟା 8005/-Edn-I (P)29/12, Dated Bhubaneswar the, 19th February, 2013 ର ସଂକଳ୍ପ (ବିଦ୍ୟାଳୟ ଏବଂ ଆବାସିକ ବିଦ୍ୟାଳୟ ନିୟମାବଳୀ) ଅନୁଯାୟୀ-

- ୩.୩. (ଏ) (କ) ରେ ଦର୍ଶା ଯାଇଛି ଯେ ପ୍ରତ୍ୟେକ ଛାତ୍ରୀ ଆବାସିକ ବିଦ୍ୟାଳୟର ପାଚେରିର ଉଚ୍ଚତା ୮ ଫୁଟ ଏବଂ ଗ୍ୟାଟ ଟି ମଜବୁତ ହେବା ଦରକାର ଏହା ଛାତ୍ରୀଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି କରାଯାଇଛି।
- ୩.୩. (ଏ) (ଖ) ଏହି ହଷ୍ଟେଲ ର ଅତିରିକ୍ତ ଅଧକ୍ଷ ଜଣେ ମହିଳା ରହିବା ଦରକାର ।
- ୩.୩.(ଏ) (ଘ) କେବଳ ମହିଳା ଶିକ୍ଷୟିତ୍ରୀ ମାନେ ହଷ୍ଟେଲ ପରିସର ମଧ୍ୟରେ ରହି ପାରିବେ।
- ୩.୩.(ଏ)(ଚ) ପ୍ରତ୍ୟେକ ଆଶ୍ରମରେ ଝିଅ ମାନେ ନିଜ ମତ ଓ ଅଭିଯୋଗ ଜଣାଇବା ନିମନ୍ତେ ଗୋଟିଏ ଅଭିଯୋଗ ବା ମତ ପ୍ରଦାନ ବାକ୍ସ ରହିବ । ଯେଉଁ ଥିରେ ଝିଅ ମାନେ ନିଜ ନାମ ନ ଲେଖି ଅଭିଯୋଗ ବା ମତ ଲେଖି ଜଣାଇବେ । ଏହି ବାକ୍ସ ଟିକୁ ଭଲ ଭାବରେ ତାଲା ପକାଇ ରଖିବା ଉଚିତ । ଏହି ବାକ୍ସଟି ପ୍ରତ୍ୟେକ ସପ୍ତାହରେ ୨ ଥର ସମସ୍ତଙ୍କ ସାମନାରେ (ଶିକ୍ଷକ, ଛାତ୍ର/ଛାତ୍ରୀ ବିଦ୍ୟାଳୟ କମିଟି) ଖଲାଯାଇ ସେଇ ଥିରେ ଥିବା ଅଭିଯୋଗ ଗୁଡ଼ିକୁ ସ୍ୱତନ୍ତ୍ର ରେଜିଷ୍ଟର ରେ ଲେଖାଯିବା ଦରକାର । ପରବର୍ତ୍ତୀ ସମୟରେ ପ୍ରଧାନ ଶିକ୍ଷକ କିମ୍ବା

SPREAD KORAPUT

ଶିକ୍ଷୟିତ୍ରୀ ସେହି ଅଭିଯୋଗ ପାଇଁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାହା ମଧ୍ୟ ରେଜିଷ୍ଟରେ ଲିଖିତ ହୋଇ ରହିବା ଉଚିତ ।

- ଶିଶୁ ସୁରକ୍ଷା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାର ୧୮୫୯୪, ୩୦.୧୦.୨୦୧୨ ବିଜ୍ଞପ୍ତି ଅନୁଯାୟୀ ସମସ୍ତ ଶିଶୁ ଯତ୍ନ କେନ୍ଦ୍ର ମାନଙ୍କ ପାଇଁ ଏକ ପରିଚ୍ଚାଳନା ଗତ ନିୟମାବଳୀ ଜାରୀ କରିଛନ୍ତି । ଏହି ବିଜ୍ଞପ୍ତିର ପଏଣ୍ଟ୍ ନଂ-୯ ଅନୁଯାୟୀ ସୁରକ୍ଷା ପାଇଁ ନିୟମାନୁଗତ ଶିଷ୍ଟାଗ୍ର ଆଚରଣ ବିଧି ଉଲ୍ଲେଖ କରିଛନ୍ତି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁକୁ ଏକ ସୁସ୍ଥ ଏବଂ ସୁରକ୍ଷିତ ପରିବେଶ ପ୍ରଦାନ କରିବା ।
- ଏହି ଆଚରଣ ବିଧି ଅନୁଯାୟୀ ପ୍ରତ୍ୟେକ କେନ୍ଦ୍ରରେ ଜଣେ ଶିଶୁ ସୁରକ୍ଷା କର୍ମୀ ରହିବେ ଏବଂ ସେ ଜଣେ ମହିଳା ହେବା ବାଞ୍ଛନିୟ । ଯେଉଁ କେନ୍ଦ୍ରରେ ଝିଅ ମାନେ ରହିଥିବେ, ଜଣେ ମହିଳା ହିଁ ତାର ତଦାରଖ ଦାୟିତ୍ୱରେ ରହିବେ । ଏହି ବିଜ୍ଞପ୍ତିର ୯.୨ ଅନୁଯାୟୀ ଯଦି କିଏ ଶିଶୁ ନିର୍ଯ୍ୟାତନା ସମ୍ବନ୍ଧରେ ଜାଣେ ତେବେ ସେ ତୁରନ୍ତ ଶିଶୁ ସୁରକ୍ଷା କର୍ମୀଙ୍କୁ ଜଣାଇବେ ଏବଂ ଜିଲ୍ଲା **CWC** କମିଟିକୁ ଅତି ଶିଘ୍ର ଜଣାଇବେ ।
- ୯.୨.୧ ଅନୁଯାୟୀ ସ୍କୁଲର ଯେ କୌଣସି କର୍ମୀ ଯଦି କୌଣସି ଶିଶୁଙ୍କ ଭିତରେ କିଛି ଅସାଧାରଣ ଲକ୍ଷଣ ଦେଖିଲେ ତେବେ ସେ ଶିଶୁ ସୁରକ୍ଷା କର୍ମୀ କିମ୍ବା ହଷ୍ଟେଲ ଅଧୀକ୍ଷକ ଙ୍କ ସାଙ୍ଗରେ ଆଲୋଚନା କରି ପାରିବେ । ତାହା ସାଙ୍ଗେ ସାଙ୍ଗେ ସେ ପ୍ରଧାନ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଏବଂ ପରିଚ୍ଚାଳନା କମିଟି ସାଙ୍ଗରେ ଆଲୋଚନା କରି ପାରିବେ । ଯଦି ଏପରି ଲକ୍ଷଣ ଥିବା କୌଣସି ଏକ ଶିଶୁ କୁ ଦେଖିଲେ ସେହି ଦିନ ହିଁ ତାହା ଲିଖିତ ଭାବରେ ରଖିବା ଦରକାର ଏବଂ ୨୪ ଘଣ୍ଟା ମଧ୍ୟରେ ଲିଖିତ କିମ୍ବା ଟେଲିଫୋନ୍ (ଦୁରଭାଷ ଯନ୍ତ୍ର) ମାଧ୍ୟମରେ **CWC** କୁ ଜଣାଇବେ ।

➢ **କେଉଁ ଯାଗାରେ ଲିଖିତ ଅଭିଯୋଗ ଜଣା ଯାଇପାରେ ।**

୧. ଓଡ଼ିଶା ମାନବ ଅଧିକାର କମିସନ

ତୋଷାଳି ଭବନ କମ୍ପ୍ଲେକ୍ସ ( ୨ୟ ମହଲା )

ସତ୍ୟ ନଗର, ପୋଷ୍ଟ-ସହିଦନଗର

ଭୂବନେଶ୍ୱର-୭୫୧୦୦୭

ଟେଲିଫୋନ୍ ନଂ-୦୬୭୪-୨୫୭୩୭୮୫, ୨୫୭୨୨୩୪,

ଫାକ୍ସ ନଂ-୦୬୭୪-୨୫୭୨୦୧୦

ଇ-ମେଲ- ohrc@nic.in

SPREAD KORAPUT

୨. ଜାତୀୟ ଅନୁସୂଚିତ ଜନଜାତି କମିସନ

ଜାତୀୟ ଅନୁସୂଚିତ ଜନଜାତି (ଏସ୍.ଟି.) କମିସନ

୬ଷ୍ଠ ମହଲା, ବି ଉଇଙ୍ଗ୍, ଲୋକ ନାୟକ ଭବନ

ଖାନ ମାର୍କେଟ, ନୂଆଦିଲ୍ଲୀ-୧୧୦୦୦୩ (୦୧୧)

ଦେୟ ମୁକ୍ତ ନଂ-୧୮୦୦୧୧୭୭୭୭ (ଜାତୀୟ ଅନୁସୂଚିତ ଜନଜାତି କମିସନଙ୍କର ସମସ୍ତ ରାଜ୍ୟ କାର୍ଯ୍ୟାଳୟ ପାଇଁ ।

୩. ଓଡ଼ିଶା **(OSCPCR)**

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ

ଘର ସଂଖ୍ୟା-ଏ-୧

ୟୁନିଟ୍-୫

ଭୂବନେଶ୍ୱର ପିନ୍- ୭୫୧୦୦୧

ଟେଲିଫୋନ୍ ଲ୍ୟାଣ୍ଡ ଲାଇନ୍ ନଂ- ୦୬୭୪- ୨୩୯୪୦୪୧

➢ **ଅନ୍ ଲାଇନ୍ ଅଭିଯୋଗ ଦାଖଲ ପାଇଁ**

ଯଦି କୌଣସି ସ୍ଥାନରେ ଶିଶୁ ସୁରକ୍ଷା ଆଇନ୍ ର ଉଲଙ୍ଘନ ହୋଉଥିବା ର ଦେଖନ୍ତି, ତେବେ ଯେକୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଜାତୀୟ ଶିଶୁ ସୁରକ୍ଷା ଆୟୋଗଙ୍କ ନିକଟରେ ଅନ୍ ଲାଇନ୍ ଅଭ୍ଯୋଗ କରିପାରିବେ ।

ଅଭିଯୋଗ କରିବାପାଇଁ ୱବ୍‌ସାଇଟ୍ ଟି ହେଲା - **http://www.ebaalnidan.nic.in**

ଏହା ବ୍ୟତିତ ଶିଶୁ କିମ୍ବା ତାର ଅଭିଭାବକ, ଯାହା ଉପରେ ବିଶ୍ୱାସଥିବ ଏପରି ଏକ ନିକଟସ୍ଥ ବେସରକାରୀ ସଂସ୍ଥା ସହିତ ମଧ୍ୟ ଯୋଗା ଯୋଗ କରି ପାରିବେ ।

ଶିଶୁ କନ୍ୟାର ସୁରକ୍ଷାର ଦାୟିତ୍ୱ ଆମ ସମସ୍ତଙ୍କର, ଆସନ୍ତୁ ଆମେ ସମସ୍ତେ ଏଥି ପାଇଁ ମିଳିତ ଉଦ୍ୟମ କରିବା କିନ୍ତୁ ଏହି ପ୍ରକ୍ରିୟାର ମୁଖ୍ୟ ଅଂଶ ହେଉଛି ନିଜେ ଶିଶୁ । ସେ ନିର୍ଭୟ ହୋଇ ନିଜ ସମସ୍ୟା କହିବା ଦରକାର ।

SPREAD, KORAPUT

# ଶିଶୁ ମାନଙ୍କ ସୁରକ୍ଷା ପାଇଁ ସହାୟିକା ପୁସ୍ତିକା

## ପ୍ରକାଶକ


Society for Promoting Rural Education and Development
[SPREAD]
New Janiguda, Kumbha Road,
Koraput - 764020
Tel: +91(6852) 250326
Email: spread@spread.org.in
Web: www.spread.org.in


## ସହାୟକ


CRY - Child Rights and you
152, Kalikapur, Gitanjali Park,
New No.8, 2nd Street.
Kolkata - 700 099
Tel: +91 (033) 2416 0007/ 8057/ 8069
Fax: +91 (033) 2416 3322


SPREAD, KORAPUT